୪- ଘରୋଇ ଶ୍ରମିକ ଯେଉଁ ମାନେ ସେହି ଅଞ୍ଚଳରେ ନିୟୋଜିତ ଅଛନ୍ତି ବା ଦେଶାନ୍ତର କରିଛନ୍ତି ସେମାନେ ସଙ୍ଗଠନ ର ଗୁରୁତ୍ୱ ବୁଝିବେ ଯାହା ଫଳରେ କି ସେମାନେ ତାଙ୍କର ଅଧିକାର ହାସଲ କରିବା ପାଇଁ ନିଜ ଅଞ୍ଚଳରେ ସଂଗଠନ ଗଢ଼ିବେ ।

୫- ସ୍ଥାନୀୟ ସରକାରୀ ସଂସ୍ଥା ଗୁଡ଼ିକର ମୁଖ୍ୟ କାର୍ଯ୍ୟ ସୁରକ୍ଷିତ ଦେଶାନ୍ତର ପାଇଁ ଚେଷ୍ଟା କରିବା ।

ଏହି କାର୍ଯ୍ୟକ୍ରମ ଗଞ୍ଜାମ ଜିଲ୍ଲାର ୨ଟି ବ୍ଲକ (ସୋରଡା ଓ ଭଞ୍ଜନଗର) ର ୫୦ ଟି ଗ୍ରାମରେ ଜୁଲାଇ ୨୦୧୫ ରୁ ଆରମ୍ଭ ହୋଇଛି ।

ଏହି କାର୍ଯ୍ୟକ୍ରମ ର ମୂଳ ଲକ୍ଷ୍ୟ ହେଉଛି- ଗଞ୍ଜାମ ଜିଲ୍ଲାରେ ଥିବା ବିଭିନ୍ନ ମହିଳା ଶ୍ରମଜୀବୀ ମାନେ ସାମାଜିକ ସୁରକ୍ଷା ହାସଲ କରିବା ସହିତ ସମ୍ମାନର ସହିତ ବଞ୍ଚିବେ ।

**ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ –**

**ଦିଲ୍ଲିପ କୁମାର ବିଶ୍ୱାଳ**
**ଆଇନା**, ପ୍ଲଟ୍-୭୦/୩୫୩୦, ମେଫେୟାର ହୋଟେଲ୍ ପଛ
ଜୟଦେବ ବିହାର, ଭୁବନେଶ୍ୱର-୭୫୧୦୧୩
ଫୋନ୍-୦୬୭୪-୨୩୬୦୬୩୦, ୯୯୩୮୧୬୮୭୪୭

**ସେୱା**
ସେୱା ଅଭ୍ୟର୍ଥନା କେନ୍ଦ୍ର
ଭିକ୍ଟୋରିଆ ବଗିଚା ସମ୍ମୁଖ
ଭାଦ୍ରା, ଅହମ୍ମଦାବାଦ- ୩୮୦୦୦୧

ଅର୍ନ୍ତଜାତୀୟ ଶ୍ରମ ସଂଗଠନ
ଭାରତରେ ଥିବା ନିଜସ୍ୱ ଅଫିସ୍-
ହାବିଟାଟ ସେଣ୍ଟର( ତୃତିୟ ମହଲା )
ଲୋଧିରୋଡ୍, ନୂଆଦିଲ୍ଲୀ-୧୧୦୦୦୩



# ମହିଳା ଏବଂ ଝିଅ ମାନଙ୍କୁ ଚାଲାଣରୁ ରକ୍ଷା

**କାର୍ଯ୍ୟକାରୀ ସଂସ୍ଥା:-ଆଇନା**

**ସହାୟତା ଏବଂ ବୈଷୟିକ ଜ୍ଞାନ :- ସେୱା**

**ଏବଂ ଆର୍ନ୍ତଜାତୀୟ ଶ୍ରମ ସଙ୍ଗଠନ ର "ୱାର୍କ ଇନ୍ ଫ୍ରିଡମ୍" ର ପ୍ରକଳ୍ପ ଅଂଶ ବିଶେଷ**

# ମହିଳା ଏବଂ ଝିଅ ମାନଙ୍କୁ ଚାଲାଣରୁ ରକ୍ଷା

ଓଡିଶା ରେ ଶ୍ରମିକ ମାନଙ୍କର ବାହାର ରାଜ୍ୟକୁ ଦେଶାନ୍ତର ଏକ ବହୁ ପୁରାତନ ପ୍ରକ୍ରିୟା, କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଶ୍ରମିକ ମାନଙ୍କର ବାହାରକୁ ଯିବା ବହୁ ଗୁଣରେ ବଢିଯାଇଛି, ଯାହାର କାରଣ ଆମ ଅଞ୍ଚଳରେ କାମର ଅଭାବ ଏବଂ ଚାଷ କାମରୁ କମ୍ ରୋଜଗାର ।

ଦେଶାନ୍ତର ହେବା ସମସ୍ତ ନାଗରୀକଙ୍କର ଏକ ଅଧିକାର କିନ୍ତୁ ଯେଉଁ ଗରୀବ ଲୋକ ମାନେ ଦେଶାନ୍ତର ହୁଅନ୍ତି ସେମାନେ ବିଭିନ୍ନ ଅସୁବିଧାର ସମ୍ମୁଖିନ ହୋଇଥାନ୍ତି ଏବଂ ମହିଳା ମାନେ କମ୍ କୌଶଳ ର ଅଧିକାରୀ ହୋଇଥିବାରୁ ସେମାନେ କମ୍ ମଜୁରୀ ମିଳିଥିବା କାମ କରିଥାନ୍ତି ଯାହାକି ନିର୍ମାଣ କାମ ,ଚାଷ କାମ ଏବଂ ଘରୋଇ କାମ ମଧ୍ୟରେ ସୀମାବଦ୍ଧ ଥାଏ ।

ବିଶେଷ କରି ଅଧୁନା ଦେଖା ଯାଉଛି ଗୃହ କାର୍ଯ୍ୟରେ ମହିଳା ମାନଙ୍କର ଯୋଗଦାନ ଧିରେ ଧିରେ ବୃଦ୍ଧି ପାଉଛି ଯେଉଁଠାରେ ଏହି କାମ ଉପଲବ୍ଧ ସେ ବିଷୟରେ ମହିଳା ମାନେ ସମ୍ପୂର୍ଣ୍ଣ ଅନଭିଜ୍ଞ ତେଣୁ ସେମାନେ ସବୁବେଳେ ଦଲାଲ ମାନଙ୍କର ସହାୟତା ଲୋଡିଥାନ୍ତି ଏବଂ ପରୋକ୍ଷରେ ସେମାନେ ଦଲାଲ ମାନଙ୍କର ଶୋଷଣର ଶିକାର ହୋଇଥାନ୍ତି ସର୍ବ ଶେଷରେ ସେମାନେ କାର୍ଯ୍ୟସ୍ଥଳରେ ଅନେକ ବାଧାବିଘ୍ନ ର ସମ୍ମଖୀନ ହୋଇଥାନ୍ତି ।

ଏହିଭଳି ମହିଳା ଶ୍ରମଜୀବି ମାନଙ୍କ ସୁରକ୍ଷିତ ଦେଶାନ୍ତର ହେବା ପାଇଁ **"ସେଓ୍ୱା"** ଯାହାକି ମହିଳା ଶ୍ରମିକ ମାନଙ୍କର ଏକ ଜାତୀୟ ଟ୍ରେଡ୍ ୟୁନିୟନ ଓଡିଶାର **"ଆଇନା"** ସ୍ୱେଚ୍ଛାସେବି ଅନୁଷ୍ଠାନ ସହିତ ମିଶି ସୁରକ୍ଷିତ ଦେଶାନ୍ତର ଉପରେ ନିଜ ପ୍ରକଳ୍ପ ଗ୍ରାମ ଗୁଡିକରେ ଜନ ଜାଗରଣ କାର୍ଯ୍ୟକ୍ରମ ହାତକୁ ନେଇଛି ଏବଂ ସେହି ଅଞ୍ଚଳର ବିଭିନ୍ନ ବିଭାଗ ଏବଂ ଅନ୍ୟ ବେସରକାରୀ ସଂସ୍ଥା ସହିତ ମିଶିଲେ ସୁରକ୍ଷିତ ଦେଶାନ୍ତର ପାଇଁ ଚେଷ୍ଟା କରୁଛି ।

ଏହି କାର୍ଯ୍ୟକ୍ରମ ମଧ୍ୟ ଆର୍ନ୍ତଜାତୀୟ ଶ୍ରମ ସଙ୍ଗଠନ "ଓ୍ୱାର୍କ ଇନ୍ ଫ୍ରିଡମ୍" କାର୍ଯ୍ୟକ୍ରମ ସହିତ ଯୁକ୍ତ ଯିଏକି ମହିଳା ଏବଂ ଝିଅ ମାନଙ୍କ କ୍ଷେତ୍ରରେ ଦେଶାନ୍ତର ଏବଂ ବାଧ୍ୟତା ମୂଳକ ଶ୍ରମ କରିବା ରୁ ବିରତ ହେବା ପାଇଁ ଚେଷ୍ଟିତ ।

## ଏହି କାର୍ଯ୍ୟକ୍ରମ ର ମୂଳ ଲକ୍ଷ୍ୟ :-

୧- ମହିଳା ଏବଂ ଝିଅ ମାନେ ଦେଶାନ୍ତର ପୂର୍ବରୁ ଦେଶାନ୍ତର ସମ୍ବନ୍ଧୀୟ ସମସ୍ତ ତଥ୍ୟ ଏବଂ ସୂଚନା ପାଇବେ ଏବଂ ସୁରକ୍ଷିତ ଯାତ୍ରା ସମ୍ବନ୍ଧିୟ ତଥ୍ୟ ହାସଲ କରିବେ ।

୨- ଏହିଭଳି ପରିବାରକୁ ସରକାରଙ୍କ ବିଭିନ୍ନ ଯୋଜନା ମଧ୍ୟମରେ ଯୋଡାଯିବ ଯା ଫଳରେକି ଦେଶାନ୍ତର ମାତ୍ରା ଧିରେ ଧିରେ କମିଯିବ ।

୩- ସ୍ଥାନୀୟ ସରକାରୀ ସଂସ୍ଥାର କର୍ମକର୍ତ୍ତା ମାନେ ମହିଳାମାନଙ୍କ ଦୈନନ୍ଦିନ କାମର ଗୁରୁତ୍ୱ ଉପଲବ୍ଧ କରିବେ ଓ ତତ୍ ସହିତ ମହିଳା ମାନଙ୍କର ଦେଶାନ୍ତର ଏକ ଅଧିକାର ଏବଂ ତତ୍ ସମ୍ବନ୍ଧିୟ ଅସୁବିଧା ସମ୍ପର୍କ ପୂର୍ବରୁ ଜ୍ଞାତ ହେବେ ।